# କାଳୀ ମନ୍ଦିରରୁ ଚୋରି ଅଭିଯୋଗ

ସୋର, ୨।୫ (ସମିସ): ସୋରରେ କିଛିଦିନର ବ୍ୟବଧାନରେ ପୁଣି ମନ୍ଦିର ଚୋରଙ୍କ ପ୍ରାଦୁର୍ଭାବ ଦେଖାଯାଇଛି । ଗତକାଲି ରାତିରେ ସୋର ପୌରପାଳିକା ଅନ୍ତର୍ଗତ ୯ ନମ୍ବର ୱାର୍ଡରେ ଅବସ୍ଥିତ କାଳୀ ମନ୍ଦିରରୁ ଚୋର ମାନେ କଳାକାନା ବୁଲାଇଛନ୍ତି । ମନ୍ଦିରରେ ଥିବା ହୁଣ୍ଡି ଭାଙ୍ଗି ଟଙ୍କା ଲୁଟିବା ସହିତ ମା'ଙ୍କ ମଥାର ରୁପାମୁକୁଟ ଓ ସୁନା ଚିତା ଚୋରି କରିନେଇଛନ୍ତି । ସକାଳେ ମନ୍ଦିର ପୂଜକ ପୂଜା କରିବା ପାଇଁ ଆସିବା ପରେ ଚୋରି ହୋଇଥିବା ଜାଣିପାରି ଗ୍ରାମବାସୀଙ୍କୁ ଖବର ଦେବା ସହିତ ସୋର ପୁଲିସକୁ ଖବର ଦେଇଥିଲେ । ଖବରପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଏ ବାବଦରେ ଗ୍ରାମବାସୀଙ୍କ ତରଫରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ ଗୋରୁ ମୃତ

ସୋର,୨।୫ (ସମିସ): ସୋର ବ୍ଲକ ବାଳଙ୍ଗ ପଞ୍ଚାୟତ ମୁକ୍ତେଶ୍ୱରପୁର ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୫ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । କାଳବୈଶାଖୀ କାରଣରୁ ଏହି ଗ୍ରାମରେ ବିଦ୍ୟୁତ ତାର ଛିଣ୍ଡି ତଳେ ପଡିଥିଲା । ପରଦିନ ସକାଳେ ଗ୍ରାମର କିଛି ଲୋକଙ୍କ ୫ଟି ଗୋରୁ ଚରିବାକୁ ଯାଇଥିବା ବେଳେ ଉକ୍ତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ । ପରେ ସ୍ଥାନୀୟ ଲୋକେ ପ୍ରତିବାଦ କରିବା ସହିତ କ୍ଷତିପୂରଣ ଦାବି କରିଥିଲେ । ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ,ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ ଦାସ ଓ ବିଦ୍ୟୁତ ବିଭାଗର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେବା ସହିତ ଯଥାଶୀଘ୍ର ବିଦ୍ୟୁତ ଖୁଣ୍ଟ ମରାମତି କାମ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିବେଶ ଶାନ୍ତ ପଡିଥିଲା ।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଲଙ୍ଗଳେଶ୍ୱର, ୨।୫ (ସମିସ) : ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତର ମାଳିକୁଦ ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ନାୟକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ ପୌର ହିତରେ ମୁଖ୍ୟଅତିଥି ଘଣ୍ଟୁଆ ସରପଞ୍ଚ ସୁଶୀଲ କୁମାର ପ୍ରଧାନ, ସଂମ୍ମାନିତ ଅତିଧି ପର୍ଶୁରାମ ଜେନା, ମୁଖ୍ୟ ବକ୍ତା ଭଜହରୀ ପ୍ରଧାନ ଉପସ୍ଥିତ ରହିଥିଲେ । ସ୍କୁଲ କମିଟି ର ସଭାପତି ପ୍ରଶାନ୍ତ ଗିରି, ସଦସ୍ୟ ବିମଳ ପ୍ରଧାନ, କରୁଣା କର ବାରିକ, ଅନିତା ଜେନା, ରଶ୍ମିତା ସାହୁ, ବାସନ୍ତୀ ସାହୁଙ୍କ ସହିତ ବର୍ତମାନ ର ଛାତ୍ର ଛାତ୍ରୀ, ପୂର୍ବତନ ଛାତ୍ର ଛାତ୍ରୀ, ରାଜଭୈରବ କ୍ଲବ ସଦସ୍ୟ ସଂଚଳନାରେ ସହଯୋଗ କରିଥିଲେ । ସ୍କୁଲ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ କୁମାର ଗିରି ମଞ୍ଚ ପରିଚାଳନା କରିଥିବା ବେଳେ ସମାଜସେବୀ ଦିଲ୍ଲୀପ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଢ଼େଇରେ ବିଶ୍ୱଶାନ୍ତି ମହାଯଜ୍ଞ

ସୋର,୨।୫(ସମିସ) : ସୋର ବ୍ଲକ ମଧୁସୂଦନପୁର ପଂଚାୟତ ବୁଢ଼େଇ ଶାସନ ସ୍ଥିତ ଯଜ୍ଞ ମଣ୍ଡପରେ ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଆୟୋଜିତ କରାଯାଇଥିବା ଏହି ମହାଯଜ୍ଞରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ମଦନମୋହନ ପଣ୍ଡା, ରବିନାରାୟଣ ଶତପଥୀ, ଦାମୋଦର ଶତପଥୀ, ବେଣୁଧର ମିଶ୍ର, ଚକ୍ରଧର ଶତପଥୀ ପୂଜାପାଠ କରିଥିଲେ । ଏଥିରେ ମଦନମୋହନ ପତ୍ରୀ, ପଦ୍ମନାଭ ମିଶ୍ର, କରୁଣାକର ଦିକ୍ଷୀତ, ଭଗବାନ ପତ୍ରୀ, ପର୍ଶୁରାମ ଦିକ୍ଷୀତ, ପୂର୍ଣ୍ଣଚନ୍ଦ୍ର ପତ୍ରୀ, ଅନନ୍ତ ମିଶ୍ର, କୈଳାଶ ଚନ୍ଦ୍ର ପଣ୍ଡା, ପ୍ରହଲ୍ଲାଦ ପତ୍ରୀ, ମନୋରଞ୍ଜନ ପତ୍ରୀ, ଭଗବାନ ପତ୍ରୀ, ପିତାମ୍ବର ପତ୍ରୀ, ଅନ୍ତର୍ଯ୍ୟାମୀ ପତ୍ରୀ ପରିଚାଳନା କରିଥିବା ବେଳେ ମାନସ କୁମାର ପତ୍ରୀ, ମୁରଲୀଧର ପତ୍ରୀ, ଅଭୟ କୁମାର ପତ୍ରୀ, ପ୍ରିୟ ରଞ୍ଜନ ପତ୍ରୀ, ବିଶ୍ୱଜିତ ଦୀକ୍ଷିତ, ଅଜୟ ପତ୍ରୀ, ଅଭିଜିତ ଦୀକ୍ଷିତ, ଶୁଭ୍ରଜିତ ଦୀକ୍ଷିତ, ରାଜେନ୍ଦ୍ର ଦୀକ୍ଷିତ, ପ୍ରଦୀପ ପତ୍ରୀ, ଅକ୍ଷୟ ପଣ୍ଡା, ଉଦୟ ପତ୍ରୀ ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଳିତ

# ୮୧୯୪ ଜଣଙ୍କୁ ୩୩.୮୪ କୋଟିର ସହାୟତା ରାଶି ବଣ୍ଟନ





ବାଲେଶ୍ୱର, ୨।୫ (ସମିସ)

ଗତ ମେ ୧ ତାରିଖ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ବାଲେଶ୍ୱର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗଙ୍କ ମିଳିତ ପ୍ରୟାସରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବାଲେଶ୍ୱର ନଗରପାଳିକା ଅଧକ୍ଷା ସବିତା ସାହୁ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବସ୍ତା ବିଧାୟିକା ଶୁବାସିନୀ ଜେନା, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସନ୍ତୋଷ କୁମାର ମହାନ୍ତି ନିର୍ମାଣ ଓ ଅଣସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା ପ୍ରଦତ୍ତ ସହାୟତା ବିଷୟରେ ଆଲୋକପାତ କରିଥିଲେ । ସେହିପରି ଜିଲ୍ଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ ବିଭିନ୍ନ ଶ୍ରମ ଆଇନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ । ସହକାରୀ ଶ୍ରମ ଅଧିକାରୀ ଶୈଳସୂତା ଦାସ ଅତିଥିମାନଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବା ବେଳେ କୁମାର ବାସୁଦେବ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୋଟ ୮୧୯୪ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ଟଙ୍କା ୩୩ କୋଟି ୮୪ ଲକ୍ଷ ୪୬ ହଜାର ୬୦୦ ଟଙ୍କାର ଆର୍ଥିକ ସହାୟତା ବିତରଣ କରାଯାଇଥିବା ବେଳେ ୨ ଜଣ ଅଣସଂଗଠିତ ଶ୍ରମିକଙ୍କୁ ଟଙ୍କା ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ୨୦୦ ଜଣ ନୂତନ ନିର୍ମାଣ ଶ୍ରମିକ ଓ ୫୦ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟ ପତ୍ର ବିତରଣ କରାଯାଇଛି । ୭୦୦ରୁ ଅଧିକ ଶ୍ରମିକ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ନିର୍ମାଣ ଶ୍ରମିକଙ୍କ ପାଇଁ ବିବାହ ସହାୟତାରେ ୩୪୦୧ ଜଣଙ୍କୁ ୧୬ କୋଟି ୯୮ଲକ୍ଷ ୭୫ ହଜାର ଟଙ୍କା , ପ୍ରସୂତି ସହାୟତାରେ ୧୪୩ ଜଣଙ୍କୁ ୧୪ ଲକ୍ଷ ୩୦ ହଜାର ଟଙ୍କା, ଶିକ୍ଷାବୃତ୍ତିରେ ୩୭୭୮ ଜଣଙ୍କୁ ଟଙ୍କା ୩ କୋଟି ୧୫ ଲକ୍ଷ ୪୬ ହଜାର ୬୦୦ ଟଙ୍କା , ମୃତ୍ୟୁକାଳୀନ ସହାୟତାରେ ୪୫୩ ଜଣଙ୍କୁ ୧୩ କୋଟି ୩୫ ଲକ୍ଷ ଟଙ୍କା ଓ ଅନ୍ତେଷ୍ଟିକ୍ରିୟା ସହାୟତାରେ ୪୧୯ ଜଣଙ୍କୁ ଟଙ୍କା ୨୦ ଲକ୍ଷ ୯୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ବିତରଣ କରାଯାଇଛି । ସେହିପରି ଅଣସଂଗଠିତ ଶ୍ରମିକଙ୍କ ପାଇଁ ମୃତ୍ୟୁକାଳୀନ ସହାୟତା ଭାବେ ୨ ଜଣଙ୍କୁ ୨ ଲକ୍ଷ ପ୍ରଦାନ କରାଯାଇଥିବା ବେଳେ ନୂତନ ପଞ୍ଜୀକୃତ ୪୨ ଜଣ ଶ୍ରମିକମାନଙ୍କୁ ପରିଚୟ ପତ୍ର ମଧ ବିତରଣ କରାଯାଇଛି ।

ଜଳେଶ୍ୱର ବ୍ଲକ/ଜଳେଶ୍ୱର : ରାଇବଣିଆ ରଥ ଖଳାରେ ବିଶ୍ୱ ଶ୍ରମିକ ଦିବସ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମଚାରୀ ସଂଘ, ଆଶା ସଙ୍ଘ, କଳା ଓ କଳାକାର ବିକାଶ ପରିଷଦ ପକ୍ଷରୁ କଳାକାର ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି । ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମଚାରୀ ସଂଘର ଜଳେଶ୍ୱର ଶାଖାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ରକ୍ତ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବରେ ବରିଷ୍ଠ ପରାମର୍ଶଦାତା କମଳ ଚକ୍ରବର୍ତ୍ତୀ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ କୃଷକ ନେତା ରବିନ୍ଦ୍ର ବାରିକ ଶ୍ରମିକ ଦିବସର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀ ସଙ୍ଘର ବ୍ଲକ ସଭାପତି ମମତା ଦାଶ ମହାପାତ୍ର, ତୃପ୍ତି ରାଣୀ ମହାନ୍ତି, କବିତା ଦାସ, କଳ୍ପନା ଦେ, ସୁଜାତା ବାରିକ, ସ୍ୱାଗତିକା ଜେନା, ଚମ୍ପାବତୀ ନାଗ,ଝରଣା ସାହୁ,ସୁମିତା କୁଇଲା,ଫୁଲ ସୋରେନ,କଳା ଓ କଳାକାର ବିକାଶ ପରିଷଦର ସୁନୀଲ କୁମାର ମାହାନ୍ତ, ହାଡିବନ୍ଧୁ ବେହେରା, ଜଗନ୍ନାଥ ପାତ୍ର, କ୍ଷିତିଶ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଜଳେଶ୍ୱରରେ ଥିବା ସମସ୍ତ ଗଣ ସଂଗଠନ ଲାଲ୍ ପତାକା ଉତ୍ତୋଳନ କରିବା ପରେ ଅପରାହ୍ନରେ ଶିକ୍ଷକ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ସମନ୍ୱୟ ସମିତିର ସଭାପତି ଅଜିତ କୁମାର ଦାସ ପୌରହିତ୍ୟ କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ଗିରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । 'ଆଜିର ପରିସ୍ଥିତି ଓ ଶ୍ରମିକ ଶ୍ରେଣୀ ' ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ବ୍ୟାଙ୍କ ଫେଡେରେସନ ଅଫ୍ ଇଣ୍ଡିଆର ସର୍ବ ଭାରତୀୟ ନେତା ପ୍ରଦୀପ ଷଡ଼ଙ୍ଗୀ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବୀମା କର୍ମଚାରୀ ସଂଘର ସର୍ବଭାରତୀୟ ନେତା ପ୍ରଫୁଲ୍ଲ ଦାସ, ସମନ୍ୱୟ ସମିତିର ଅନ୍ୟତମ ନେତା ରକ୍ତଦାତା ସଂଘର ଜିଲ୍ଲା ସଭାପତି କମଳ ଚକ୍ରବର୍ତ୍ତୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ନେତା ମନୋରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଦୁଇ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାଳିପଦା, ୨।୫ (ସମିସ): ବାଲିଆପାଳ ବ୍ଲକ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧକ୍ଷା ଡ. ମାନସୀ ସାହୁଙ୍କ ସଭାପତିତ୍ୱରେ ସହ ଗ୍ରନ୍ଥଗାରିକ ସରୋଜ କୁମାର ତ୍ରିପାଠୀ ଓ ଶିକ୍ଷା ପ୍ରଦର୍ଶକ ପୂର୍ଣ୍ଣେନ୍ଦୁ ଭୂୟାଁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି । ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡକ୍ଟର ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧକ୍ଷ ପ୍ରାଧାପକ ରବୀନ୍ଦ୍ର ନାଥ ବିଶ୍ୱାଳ ବିଦାୟୀ କର୍ମଚାରୀମାନଙ୍କ ବିବିଧ ଗୁଣ ବର୍ଣ୍ଣନା କରିଥିଲେ । ଅତିଥି ଭାବେ ପ୍ରାକ୍ତନ ଅଧାପକ ପ୍ରଭାଂଶୁ କୁମାର ସି, ପ୍ରାକ୍ତନ ଇଂରାଜୀ ଅଧାପକ ବିଜୟ କୁମାର ଜେନା, ରାଜନୀତି ବିଜ୍ଞାନ ମୁଖ୍ୟ ଅଧାପକ ପ୍ରଭାତ କୁମାର ଜେନା, ବାଣିଜ୍ୟ ବିଭାଗର ବରିଷ୍ଠ ପ୍ରାଧାପକ ଜଗଦୀଶ ବିଶ୍ୱାଳ, ଶିକ୍ଷା ବିଭାଗ ମୁଖ୍ୟ ପ୍ରହ୍ଲାଦ ବତ୍ସଳ ବେହେରା ପ୍ରମୁଖ ଦୁଇ ବିଦାୟୀଙ୍କ ଗୁଣ ଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ବିଦ୍ୟାଧର କୁହ୍ଲାରୀ, ସନ୍ତୋଷ କୁମାର ମହାନା, ସଂଜୟ କୁମାର ଦାସ, ରାଧାକାନ୍ତ ମହାନ୍ତି, ବିକାଶ ରଞ୍ଜନ ପ୍ରଧାନ, ଡକ୍ଟର ବାମଦେବ ଆଚାର୍ଯ୍ୟ, ସୁଶାନ୍ତ ରାଜ, ଅଭିଳାଷ ବେହେରା, ଆଶିଷ କୁମାର ଓଝା, ଅଧାପିକା ଶାନ୍ତିଲତା ଦାସ, ସୁପ୍ରସିନୀ ବେହେରା, ସସ୍ମିତା ସିଂ, ଅନିତା ପାତ୍ର, ମନସ୍ୱିନୀ ଆଚାର୍ଯ୍ୟ, ଅନ୍ତକର୍ମୀ ଶାନ୍ତନୁ ସାମଲ, ପ୍ରକାଶ ସାହୁ, ଜୟନ୍ତୀ ଦାସ,ଅଣଶିକ୍ଷକ କର୍ମଚାରୀ, କାହ୍ନୁ ଚରଣ ଆଦକ, ଅମୂଲ୍ୟ ମଣ୍ଡଳ ପ୍ରମୁଖ ମଧ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧାପକ ମନୋରଞ୍ଜନ ମହାନ୍ତି ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ଉଦ୍‌ଘାଟିତ

ଜଳେଶ୍ୱର ବ୍ଲକ, ୨।୫ (ସମିସ) : ରାଇବଣିଆ ହାଟ ପଡ଼ିଆ ଛକ ନିକଟରେ ଅବସ୍ଥିତ ରାଇବଣିଆ ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ସାଙ୍ଗକୁ ନୂତନ ଗୋଦାମ ଗୃହ ଶୁଭ ଉଦଘାଟନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର -ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଉଦୀପ୍ତ କୁମାର ଗିରି, ଉଦଘାଟକ ରାଇବଣିଆ ପ୍ରାଥମିକ କୃଷି ସମବାୟସମିତିର ସଭାପତି ଗଙ୍ଗାଧର ଦାସ, ମୁଖ୍ୟବକ୍ତା ଚିନ୍ମୟ କୁମାର ଘୋଷ, ସମିତର ସଂପାଦକ ବିଧାନ ଚନ୍ଦ୍ର ଘୋଷ, ସଭ୍ୟ ସୁଶୀଲ କୁମାର ପ୍ରଧାନ, ସମିତର ସମସ୍ତ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହିତ ରାଇବଣିଆ, କାଳିକା ଓ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର ଚାଷୀ, ରୁଣି, ଜମାକାରୀ ସାଙ୍ଗକୁ ଚାଷୀ ନେତା ସୁଧାଂଶୁ ଶେଖର ଘୋଷ, ସଞ୍ଜୟ କୁମାର ଜେନା, ଚିତ୍ତରଞ୍ଜନ



ବିଶ୍?ାଳ, ନାରାୟଣ ପ୍ରସାଦ ଦାସ, ପଶୁପତି ଗାନ୍ଧୀ, ବେଣୁଧର ସାମଲ, ଓମକାର ଘୋଷ ପ୍ରମୁଖ ଅନେକ ଚାଷୀ ବୃନ୍ଦ ଉପସ୍ଥିତ ରହି ନୂତନ ଗୃହ ପ୍ରବେଶ କରିଥିଲେ ।

# କାଳବୈଶାଖୀ; ଗଛପଡ଼ି ଭାଂଗିଲା ଘର, ଉଜୁଡ଼ିଲା ଫସଲ

ଜଳେଶ୍ୱର, ୨।୫ (ସମିସ) : କାଳବୈଶାଖି ବର୍ଷା ଓ ଝଡରେ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଗଛପଡି ଘର ଭାଂଗିବା ସହିତ ରବିଧାନ ନଷ୍ଟ ହୋଇଛି । ସଂଧାରେ ପବନ ସହିତ ପବନ ହେବାରୁ ବହୁ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏବେ ରବିଧାନ ଅମଳ ଚାଲିଥିବାରୁ ଧାନଗଛ ପାଣିରେ ବୁଡିଯିବା ସହିତ ଧାନ ନଷ୍ଟ ହୋଇଛି । ଅମଳ ପରେ ଖଳରେ ପଡିଥିବା ଧାନ ମଧ ନଷ୍ଟ ହୋଇଥିବାରୁ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି । ସର୍ଦ୍ଦାରବନ୍ଧ ଫଚାୟତର ବହୁ ଚାଷୀଙ୍କ ଧାନ ନଷ୍ଟ ହୋଇଥିବା ଜଣାଯାଇଛି । ବର୍ତନା ଫଚାୟତର ଶୋଳକଣ୍ଠା ଗାଁର ଘନଶ୍ୟାମ ଜେନାଙ୍କ ଘର ଉପରେ ଗଛ ପଡିଯିବାରୁ ତାଙ୍କର ଏକ ଗାଈର ଗୋଡ ଭାଂଗିଯାଇଛି । ଡିପିପୁର ଫଚାୟତର ଗୁଆଗଡିଆ ଗାଁର ସମରେନ୍ଦ୍ର ମହାନ୍ତି, ରାୟାଁରାମଚନ୍ଦ୍ରପୁର ଫଚାୟତର ବରକଣା ଗାଁର ବାସନ୍ତୀ ହାଁସଦା ଓ ଦେବକୀ ହାଁସଦା, ମହମ୍ମଦନଗରପାଟଣା ଫଚାୟତର ଚକ୍ରଡା ଶଂକର୍ଷଣ ମାଝି, ବିମଳ ମଣ୍ଡଳଙ୍କ ଘର ଉପରେ ଗଛ ପଡିଯିବାରୁ ଘର ଭାଂଗିଯାଇଛି । ଅବିଳମ୍ବେ ସହାୟାତ ଯୋଗାଇଦେବାକୁ ଜନପ୍ରତିନିଧିମାନେ ଦାବି କରିଛନ୍ତି ।



# କାଳବୈଶାଖୀ ଯୋଗୁଁ ରବି ଧାନ ଓ ମୁଗ ଚାଷରେ କ୍ଷତି

କାଳିପଦା, ୨।୫ (ସମିସ): ଗତ ଦୁଇ ଦିନ ହେବ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ କାଳ ବୈଶାଖୀ ଲାଗି ରହିଛି । କାଳ ବୈଶାଖୀ ଯୋଗୁଁ ପାଚିଲା ରବି ଧାନ ଫସଲ ଓ ଅମଳ ହେବାକୁ ଥିବା ମୁଗ ବିରି ଚାଷରେ ବ୍ୟାପକ କ୍ଷତି ପରିଲକ୍ଷିତ ହୋଇଛି । ପାଚିଲା ଧାନ ଫସଲରେ ବର୍ଷା ପବନ ସାଙ୍ଗକୁ କୁଆ ପଥର ମାଡ ହୋଇଛି । ଏଥି ଯୋଗୁଁ କେଣ୍ଡାରୁ ଧାନ ଗୁଡିକ ଖସି ମାଟିରେ ମିଶି ଯାଇଛି । ଲଗାତର ବର୍ଷା ଯୋଗୁଁ କେଣ୍ଡାରେ ଧାନ ଗଜା ହୋଇ ଯାଇଛି । କେତେକ ବିଲରେ ଧାନ ଗଛ ଗୁଡିକ ଶୋଇ ଯାଇଛି । ବିଲରେ ବର୍ଷା ପାଣି ଥିବାରୁ ଧାନ ଗଜା ହେବା ସୁନିଶ୍ଚିତ । ଚଳିତ ବର୍ଷ ଚାଷୀ ଚଢ଼ା ଦରରେ ସାର ଔଷଧ କିଣି ଚାଷ କରି ଥିଲେ । କେତେକ ଚାଷୀ ଜାତୀୟ କରଣ ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ଆଣିଥିଲେ । ଏବେ ଫସଲ ନଷ୍ଟ ଯୋଗୁଁ ଚାଷୀଙ୍କୁ ଋଣ ସୁଝିବା ମାଡ ଘାରିଛି । ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ ଦାବି ହୋଇଛି । ସେହିପରି ରବି ମୁଗ ବିରି ଚାଷରେ ବ୍ୟାପକ କ୍ଷତି ପରିଲକ୍ଷିତ ହୋଇଛି । ପାଚିଲା ରବି ମୁଗ ବିରି ଚାଷକୁ ଚାଷୀ ଅମଳ କରି ନ ପାରି ନାହିଁ । କ୍ରମାଗତ ବର୍ଷା ଯୋଗୁଁ ଫସଲ ଅମଳ ହୋଇ ପାରୁ ନାହିଁ । ମୁଗ ବିରି ଚାଷ ଗଜା ହେବାକୁ ବସିଛି । ଅନୁକୂଳ ପାଗ ଯୋଗୁଁ ରବି ମୁଗ ବିରି ଚାଷ ଖୁବ୍ ଭଲ ହୋଇ ଥିଲା । ମୁଗ ବିରି ଚାଷ ର ଚାଷୀଙ୍କୁ ସରକାର ସହାୟତା ଯୋଗାଇଦେବାକୁ ଅନନ୍ତ ରାଉତ, ଅନନ୍ତ କୁମାର ଜେନା, ଅତୁଲ ଭୋଳ, ଶରତ ପ୍ରଧାନ, ଘନଶ୍ୟାମ ମିଶ୍ର, ଗଣେଶ ଚନ୍ଦ୍ର ସେଠୀ, ରାଧା ଶ୍ୟାମ ରାଉଳ, ଲକ୍ଷ୍ମଣ ନାୟକ ପ୍ରମୁଖ ଦାବି କରିଛନ୍ତି ।

# ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୨।୫ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ଅନ୍ତର୍ଗତ କେଶୁଡିହା ଗ୍ରାମରେ ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିର ର ପ୍ରଥମ ବାର୍ଷିକ ଉତ୍ସବ ସାଙ୍ଗକୁ ସାର୍ବଜନୀନ ଚନ୍ଦନ ଉତ୍ସବ ଏବଂ ମା' ଶୀତଳା ଦେବୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଚନ୍ଦନ ଉତ୍ସବ କମିଟିର ସଭାପତି ଗୌର ଗୋପାଳ ଚାନ୍ଦ, ଉପ ସଭାପତି ସରୋଜ ଜେନା, ସହ ସମ୍ପାଦକ ବିଦ୍ୟାଧର ଦାସ, ମାନସ ପାଳ, ଲକ୍ଷ୍ମୀଧର ଦେ, ଶିବ ଜେନା, ହେମନ୍ତ ଜେନା, ଅବିନାଶ ପାଳ, ବିମଳ ଲୋଚନ ଦେ, ପ୍ରକାଶ ରାଉତ,ରାଜେନ୍ଦ୍ର ଧଳ,ଏକାଗ୍ର ମୁଖୀ,ଶମ୍ଭୁନାଥ ସାହୁ ,ବୁଲୁ ଗିରି,ଅଜୟ ଦେ, ସୁଶାନ୍ତ ଜେନା,ବସନ୍ତ ଜେନା, ଜଗନ୍ନାଥ ମାହାଳିକ,ଦେବାଶିଷ



ଦାସ ,ହରିହର ଦାସ,ମାନସ ମଣ୍ଡଳ,ଟ୍ୱିଟୁ ମୁଖୀ,ଜୟନାରାୟଣ ଦାସ,ରବୀନ୍ଦ୍ର ବେହେରା ଗୋପୀନାଥ ବେହେରା, ସୁନୀଲ ଦାସ, ମୃତ୍ୟୁଞ୍ଜୟ ଦେ, ହରେନ୍ଦ୍ର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଅସ୍ତି ପଞ୍ଚାୟତ ପକ୍ଷରୁ ସାର୍ବଜନୀନ ଚନ୍ଦନ ମୈତ୍ରୀ ଉତ୍ସବ

କାଳିପଦା, ୨।୫ (ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୁବର୍ଣ୍ଣ ରେଖା ୨ୟ ସେତୁ ନିକଟରେ ପଞ୍ଚାୟତ ପକ୍ଷରୁ ୩୦ତମ ସାର୍ବଜନୀନ ଚନ୍ଦନ ଉତ୍ସବ ଓ ୪ର୍ଥ ପଲ୍ଲିଶ୍ରୀ ମୈତ୍ରୀ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ଅସ୍ତି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ସଭାପତି



ସତ୍ୟକାମ ମହାନ୍ତି ଅତିଥି , ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ଆବାହକ ପ୍ରାକ୍ତନ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି ବକ୍ତା ଭାବେ ଯୋଗ ଦେଇ ଚନ୍ଦନ ଓ ମୈତ୍ରୀ ଉତ୍ସବର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କମିଟିତ ସଦସ୍ୟ କିଶୋର ଚନ୍ଦ୍ର ପାତ୍ର ଅତିଥିଙ୍କୁ ମଞ୍ଚକୁ ଆବାହନ କରିଥିଲେ । ସାମ୍ବାଦିକ ରାଧାକୃଷ୍ଣ ଜେନା, ବଙ୍କିମ ଚନ୍ଦ୍ର ଜେନା,ସମିତି ସଦସ୍ୟା ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । କମିଟି ସଦସ୍ୟ ରାଜୀବ ଲୋଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁକ୍ତ ତିନି ଶେଷବର୍ଷ ପରୀକ୍ଷା ଫଳ ପ୍ରକାଶ

# ମେଧା ତାଲିକାର ଶ୍ରେଷ୍ଠରେ ପୁଣି ଛାତ୍ରୀ

ବାଲେଶ୍ୱର,୨।୫ (ସମିସ)

ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମସ୍ତ ଅନୁସଂଲଗ୍ନ ମହାବିଦ୍ୟାଳୟର ଚଳିତ ଶିକ୍ଷାବର୍ଷର ଯୁକ୍ତ ତିନି ଷଷ୍ଠ ସେମିଷ୍ଟର (ରେଗୁଲାର) ଓ ଶେଷବର୍ଷ ପରୀକ୍ଷାର ଫଳାଫଳ ପ୍ରକାଶିତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅନୁମତିକ୍ରମେ ଏହି ଫଳ ପ୍ରକାଶିତ ହୋଇଛି । ଏହି ଅବସରରେ କୁଳପତିଙ୍କ ସହ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର କମଳାକାନ୍ତ ଜେନା, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଓ ମହାବିଦ୍ୟାଳୟ ଉନ୍ନୟନ ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲାଙ୍କ ଉପସ୍ଥିତିରେ ଫଳାଫଳ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା । ଏହା ସହିତ ଫଳାଫଳ ବିଶ୍ୱବିଦ୍ୟାଳୟର ଅଫିସିଆଲ ୱେବସାଇଟ ମାଧ୍ୟମରେ ଅନଲାଇନ୍ ଉପଲବ୍ଧ କରାଯାଇଛି । ଚଳିତ ବର୍ଷ ସମୁଦାୟ ୧୨,୧୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୮,୫୩୪ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି, ଯାହାର ସମୁଦାୟ ପାସ୍ ହାର ୭୦.୫୪ ରହିଛି । ବିଭିନ୍ନ ଶାଖାରେ ପାସ୍ ହାରର ତୁଳନାମୂଳକ ବିଶ୍ଳେଷଣରୁ ପ୍ରକାଶ ହୁଏ ଯେ କଳା ଶାଖାରେ ୭୩.୦୨%, ବିଜ୍ଞାନରେ ୬୦% ଓ ବାଣିଜ୍ୟରେ ୭୦.୦୫% ପାସ୍ ହାର ରହିଛି, ଯାହା ଶିକ୍ଷାର ଗୁଣାତ୍ମକ ଉନ୍ନତି ପ୍ରତିଫଳିତ କରୁଛି । ବିଶେଷ କରି ମେଧା ତାଲିକାରେ ଛାତ୍ରୀମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ଏକ ସକାରାନକ ସାମାଜିକ-ଶିକ୍ଷାଗତ ପରିବର୍ତ୍ତନକୁ ପ୍ରତିବିମ୍ବିତ କରିଛି । ଏହା ଉଚ୍ଚ ଶିକ୍ଷାରେ ମହିଳା ଶିକ୍ଷାର ସଶକ୍ତିକରଣ ପାଇଁ ଉତ୍ସାହଜନକ ବୋଲି ମତବ୍ୟକ୍ତ କରାଯାଇଛି । ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର କମଳାକାନ୍ତ ଜେନା ଫଳାଫଳର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିଥିବା ବେଳେ ବିଶ୍ୱବିଦ୍ୟାଳୟର ପକ୍ଷରୁ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ତହସିଲ ଗାଡ଼ିକୁ ପିଟିଲା ବାଲି ଟ୍ରକ୍

ସୋର,୨।୫ (ସମିସ): ସୋର ଅତିତିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ବେଆଇନ ବାଲିଗାଡିକୁ ଅଟକାଉଥିବା ବେଳେ ତହସିଲ ଗାଡିକୁ ବାଲିଗାଡ଼ି ଧକ୍କା ଦେଇଥିବା ବେଳେ ଅତିରିକ୍ତ ତାହାସିଲଦାର ଅଳ୍ପକେ ବର୍ତିଯାଇଛନ୍ତି । ଆଜି ସକାଳେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଜାତୀୟ ରାଜପଥରେ ଚଢ଼ାଉ କରିଥିଲେ । ଏହି ସମୟରେ ପାଇକାଳି ପୋଲ ନିକଟରେ ଥିବା ଏକ ଷ୍ଟକ ପଏଣ୍ଟରୁ ଦୁଇଟି ବାଲିଗାଡି ଜବତ କରିବା ସମୟରେ ଏକ ବାଲିଗାଡିକୁ ଅଟକାଇଥିଲେ । ମାତ୍ର ବାଲି ଗାଡିଟି ଦ୍ରୁତଗତିରେ ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଅତିରିକ୍ତ ତହସିଲଦାର ନିଜେ ଗାଡି ଚଳାଇ ବାଲିଗାଡିକୁ ପିଛା କରିଥିଲେ । ଏହି ସମୟରେ ପଣପଣା ନିକଟରେ ଶ୍ରୀ ସିଂହ ବାଲି ଗାଡିକୁ ଅଟକାଉଥିବା ବେଳେ ତହସିଲ ଗାଡିକୁ ବାଲି ଗାଡି ପଛରୁ ଧକା ଦେଇଥିଲା । ଫଳରେ ଗାଡିର କାଚ ଭାଙ୍ଗିଯିବା ସହିତ ଅତିରିକ୍ତ ତହସିଲଦାର ଶ୍ରୀ ସିଂହ ଅଳ୍ପକେ ବର୍ତିଯାଇଥିଲେ । ଖବର ପାଇ ଖନ୍ତାପଡ଼ା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିବା ସହିତ ଏହାର ଚାଳକକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।



**ଅଳ୍ପକେ ବର୍ତ୍ତିଲେ ଅତିରିକ୍ତ ତହସିଲଦାର**

# ଧର୍ମପରାୟଣଙ୍କ ପରଲୋକ

ସୋର,୨।୫ (ସମିସ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବୁଢ଼େଇ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରାମଚନ୍ଦ୍ର ପତ୍ରୀଙ୍କ ୮୯ ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ହୋଇଛି । ଆଜି ମଧ୍ୟାହ୍ନରେ ନିଜ ବସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏହି ସମୟରେ ତାଙ୍କର ୨ପୁଅ,୬ ଝିଅ,୫ ଜ୍ୱାଇଁ, ଝିଆରୀ,ପୁତୁରା ,ଭଣଜା, ଭାଣିଜୀ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ କରାଯାଇଥିଲା । ନାତି ପ୍ରିୟରଞ୍ଜନ ପତ୍ରୀ ମୁଖାଗ୍ନି ଦେଇଥିଲେ ।

## ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ 'ଅନ୍ତର୍ଜାତୀୟ ଶ୍ରମିକ ଦିବସ'



ଭଦ୍ରକ,୨।୫(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା କୋଡବରୁଆଁ ପଞ୍ଚାୟତ ଅଫିସରେ "ଅନ୍ତର୍ଜାତୀୟ ଶ୍ରମିକ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ଲିଗାଲ ପ୍ରୋବେସନ ଅଧିକାରୀ ସୁବ୍ରତ କୁମାର ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ତ୍ରିପାଠୀ, କୋଡବରୁଆଁ ସରପଞ୍ଚ ସୁଷମା ମହାନ୍ତି, ସ୍ୱେଚ୍ଛାସେବୀ ଅନ୍ନପୂର୍ଣ୍ଣା ସାହୁ, ଚାରୁଲତା ବେହେରା ତଥା ୭୦ରୁ ଅଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନାଲ୍‌ସା ଯୋଜନା ଅନ୍ତର୍ଗତ "ସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କୁ ଆଇନଗତ ସେବା', ସର୍ବନିମ୍ନ ମଜୁରୀ ଆଇନ, ଶିଳ୍ପ ବିବାଦ ଆଇନ, କାରଖାନା ଆଇନ ଏବଂ କେନ୍ଦ୍ର/ରାଜ୍ୟ ସରକାରଙ୍କ ସମ୍ପର୍କିତ ଯୋଜନା ଏବଂ ବନ୍ଧନ ଶ୍ରମିକ ପ୍ରଣାଳୀ (ବର୍ଜନ) ଆଇନ, ୧୯୭୬ ବିଷୟ ଉପରେ ସଚେତନତା କରାଯାଇଥିଲା ଏବଂ ଶ୍ରମିକ କାର୍ଡ ମଧ୍ୟ ବଣ୍ଟନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଏଆଇସିସିଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ




ଭଦ୍ରକ,୨।୫(ସମିସ): ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପରେ ଏଆଇସିସିଟିୟୁ ଭଦ୍ରକ ଶାଖା ପକ୍ଷରୁ ଶୁକ୍ରବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଅଟଳ ବିହାରୀ ନାୟକ ଯୋଗଦେଇ ଲାଲ୍ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ପରେ ଏଆଇସିସିଟିୟୁ ସମ୍ପାଦକ ସମର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ସୁବାସ ନାୟକ, ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଜିଲ୍ଲା ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, ଶ୍ରମିକ ନେତା ବଳରାମ ରାଉତ, ସିପିଆଇଏମ୍ଏଲ୍ ତିହିଡ଼ି ବ୍ଲକ୍ ସମ୍ପାଦିକା ଗାୟତ୍ରୀ ବେହେରା ଯୋଗଦେଇଥିଲେ। ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ, ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ, ସ୍କିମ ଶ୍ରମିକମାନଙ୍କୁ ସ୍ଥାୟୀ ଶ୍ରମିକ ମାନ୍ୟତା ପ୍ରଦାନ, ରାଷ୍ଟ୍ରୀୟ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ସମାନ କାମକୁ ସମାନ ମଜୁରୀ ପ୍ରଦାନ, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଆଦି ବିଭିନ୍ନ ଦାବି ପୂରଣ କରିବାକୁ ଶ୍ରମିକ ନେତାମାନେ ଦାବି କରିଥିଲେ। ଅଜୟ ସେନାପତି, ସୁମିତ୍ରା ମାହୁନ୍ତ, ପପୁନା ପାତ୍ର, ପ୍ରଶାନ୍ତ ନାୟକ, କଳ୍ପନା ରାଉତ, ସରସ୍ୱତୀ ଯେନା, ତ୍ରିନାଥ ଦାସ, ସୁନୀଲ ଦତ, ଶୈଳିନ୍ଦ୍ରୀ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଧାମନଗର ମିଡିଆ କ୍ଲବ୍‌ରେ ଜାତୀୟ ଶ୍ରମିକ ଦିବସ



ଧାମନଗର,୨।୫(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ଶାମପୁରସ୍ଥିତ ମେଡିକାଲ ବଜାରସ୍ଥିତ ମିଡିଆ କ୍ଲବ୍ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଅପରାହ୍ଣ ୪ଟାରେ ମିଡିଆ କ୍ଲବ୍ ସଭାପତି ବିବେକାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ସେକ୍ ଜାଫର ଅଲ୍ଲୀ, ସମ୍ପାଦକ ସୁଶାନ୍ତ କୁମାର ରାଉତ, ସହସମ୍ପାଦକ ଦୁର୍ଗାପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଶାନ୍ତ ଦ୍ୱିବେଦୀ, ସଦସ୍ୟ ଏମ୍‌ଡି ଜାବିର ବାବୁ, କୁମାରେଶ ବଳଭଦ୍ର ଖିଲାର, ମାନସ ମହାପାତ୍ର, ସଞ୍ଜୟ ସେଠୀ, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ଯୋଗଦେଇ ସରକାର ସାମ୍ବାଦିକଙ୍କୁ ଅଣଦେଖା କରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା। ତେବେ ଠିକ୍ ଭାବରେ ଗଣନା କରି ମାସକୁ କିଛି ଭତ୍ତା ଦିଅନ୍ତୁ ବୋଲି ସରକାରଙ୍କ ନିକଟରେ ଦାବି କରିବା ସହ ଜାତୀୟ ଶ୍ରମିକ ଦିବସ ସମ୍ପର୍କର ବକ୍ତବ୍ୟ ରଖିଥିଲେ। ସକ୍ରିୟ ସଦସ୍ୟ ଦୀନକୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବାବା ଆଖଣ୍ଡଳମଣିଙ୍କ ଶିବବିବାହ ପାଇଁ ଉଠିଲା ଲଗ୍ନ ଚିଟାଉ ଥାଳି

# ବାଜା-ବାଣ-ରୋଷଣୀରେ କମ୍ପିଲା ପୀଠ

ଭଦ୍ରକ/ଆରଡ଼ି,୨।୫(ସମିସ)







ଆରଡ଼ି ପୀଠ ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ବିବାହ ଉତ୍ସବ ଆସନ୍ତା ଜୁନ୍ ୧୯ରେ ବୈଦିକ ରୀତିନୀତି ଓ ଲୋକାଚାର ଅନୁଯାୟୀ ଅନୁଷ୍ଠିତ ହେବ। ଏଥିପାଇଁ ବୈଶାଖ ମାସ ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀ ଅବସରରେ ବର ପିତା ଓ କନ୍ୟା ପିତା ଚୟନ ପ୍ରକ୍ରିୟା କାର୍ଯ୍ୟ ସମାପନ ହେବା ପରେ ଶୁକ୍ରବାର ପବିତ୍ର ଚନ୍ଦନ ପୂର୍ଣ୍ଣିମା ଅବସରରେ ଲଗ୍ନ ଚିଟାଉ ଥାଳି ଉଠା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ବାବାଙ୍କ ମନ୍ଦିରରେ ସ୍ୱତନ୍ତ୍ର

**ଜୁନ୍ ୧୯ରେ ଦେବଦମ୍ପତିଙ୍କ ବିବାହ**

ନୀତିକାନ୍ତି ଅନୁଷ୍ଠିତ ହେବା ପରେ ଅପରାହ୍ଣ ୪ଟାରେ ବାବାଙ୍କ ପାଖରୁ ଆଜ୍ଞାମାଳ ଆସିଥିଲା। ସେବାୟତମାନେ ଆଜ୍ଞାମାଳକୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଇ ବର ପିତା ଗଦାଧର ପାଢ଼ୀଙ୍କ ଘରେ ବିଜେ କରାଇବା ପରେ ବୈଦିକ ରୀତିନୀତି ଅନୁଯାୟୀ, ଶ୍ରୀ ପାଢ଼ୀଙ୍କ ଦାତା କେନ୍ଦ୍ରାପଡ଼ା ଜିଲ୍ଲା ବାଟିପଡ଼ା ନିବାସୀ ଅସିତ୍ କୁମାର ସାହୁ ଓ ସୁମିତ୍ରା ସାହୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇବା ସହ ଜ୍ଞାତିକୁଟୁମ୍ବଙ୍କୁ ସାଥିରେ ନେଇ ସଂକୀର୍ତ୍ତନ, ତେଲିଙ୍ଗିବାଜା, ମର୍ଦ୍ଦଳ ବାଜା, ବାଣ-ରୋଷଣୀ ଆଦିରେ କନ୍ୟା ପିତାଙ୍କ ଘରକୁ ଯାତ୍ରା କରିଥିଲେ। ଲଗ୍ନ ଚିଟାଉ ଥାଳି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆରଡ଼ି ପୀଠ ପରିକ୍ରମା କରିବା ପରେ କନ୍ୟା ପିତା ଭାବେ ସେବାୟତ ବିଚିତ୍ର ପାଢ଼ୀ ଓ ତାଙ୍କ ଦାତା କେନ୍ଦୁଝରର ନିବାସୀ ମାନସ ରଞ୍ଜନ ସାହୁ ଓ ତାଙ୍କ ପତ୍ନୀ ପ୍ରଣୟିନୀ ସାହୁଙ୍କ ପକ୍ଷରୁ ଆୟୋଜିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଶଙ୍ଖ, ହୁଳହୁଳି ସହ ଲଗ୍ନ ଚିଟାଉ ଥାଳିକୁ ପାଛୋଟି ନେଇଥିଲେ କନ୍ୟାଘରର ଲୋକମାନେ। ସେଠାରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷଙ୍କ ପକ୍ଷରୁ ଲୋକାଚାରରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ତାଳପତ୍ରରେ ଲେଖନି ଦ୍ୱାରା ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତିଙ୍କ ବିବାହ ପାଇଁ ସମୟ ନିର୍ଘଣ୍ଟ ସ୍ଥିର କରାଯାଇଥିବା ଲେଖାଯିବା ପରେ ସର୍ବସମ୍ମତିକ୍ରମେ ଜ୍ୟୋତିଷଙ୍କ ଦ୍ୱାରା ପାଠ କରାଯାଇଥିଲା। ପରେ ଉକ୍ତ ଲଗ୍ନ ଚିଟାଉ ଥାଳିକୁ କନ୍ୟା ପିତା ବର ପିତାଙ୍କୁ ସମର୍ପଣ କରିବା ପରେ ପୁନର୍ବାର ଘଣ୍ଟ, କୀର୍ତ୍ତନ ବାଦ୍ୟ ସହ ବର ପିତାଙ୍କ ଘରେ ଜ୍ଞାତିକୁଟୁମ୍ବଙ୍କ ଗହଣରେ ଲଗ୍ନ ଚିଟାଉ ପାଠ କରାଯାଇଥିଲା। ପରେ ବର ପିତା ଓ କନ୍ୟା ପିତାଙ୍କ ଘରେ ଗୁଆ ମଙ୍ଗୁଳା ଯିବା ପରେ ଦେବଦେବୀ ଓ ବନ୍ଧୁ ପରିଜନଙ୍କୁ ମଙ୍ଗୁଳା ଗୁଆ ଓ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହେବା ପାଇଁ ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିବା ବେଳେ ଶୋଭାଯାତ୍ରାରେ ଜିଲ୍ଲା ଓ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଲଗ୍ନଥାଳ ଉଠା ଶୋଭାଯାତ୍ରାରେ ଅଗଣିତ ଭକ୍ତ ଓ ମନ୍ଦିରର ସେବାୟତ, ପ୍ରଶାସନିକ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ।

## ପରଲୋକରେ ପ୍ରାକ୍ତନ ପ୍ରାଧ୍ୟାପିକା ପ୍ରଭାତନଳିନୀ



ଭଦ୍ରକ,୨।୫(ସମିସ): ପ୍ରାକ୍ତନ ପ୍ରାଧ୍ୟାପିକା, ବିଶିଷ୍ଟ ସାହିତ୍ୟିକ ଡ. ପ୍ରଭାତନଳିନୀ ମହାପାତ୍ରଙ୍କ ଶୁକ୍ରବାର ରାତି ୧୦ଟାରେ ତାଙ୍କ ଭଦ୍ରକ ବାସଭବନରେ ୬୬ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି। ଜଣେ ଉଚ୍ଚକୋଟିର ସାହିତ୍ୟିକା ତଥା ଛାତ୍ରବତ୍ସଳ ପ୍ରାଧ୍ୟାପକ ଭାବେ ସେ ବେଶ୍ ପରିଚିତ ଥିଲେ। ଭଦ୍ରକ ସାହିତ୍ୟ ପରିଷଦରେ ସେ ଉପସଭାପତି ଭାବେ କାର୍ଯ୍ୟ କରିବା ସହିତ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ସେ ଜଡ଼ିତ ଥିଲେ। ଓଡ଼ିଆ କବିତା କ୍ଷେତ୍ରରେ ସୁପରିଚିତା ସ୍ୱର୍ଗତା ଡ. ମହାପାତ୍ର କେବଳ କବିତା ନୁହେଁ ଗଳ୍ପ ଓ ପ୍ରବନ୍ଧ କ୍ଷେତ୍ରରେ ମଧ୍ୟ ସ୍ୱକୀୟ ପ୍ରତିଭାର ପରିଚୟ ସୃଷ୍ଟି କରିଥିଲେ। "କିଛି କିଛି ମନକଥା', "ଚୈତ୍ରର ଚୋରା ବାଲି', 'ନିଃସର୍ତ୍ତ ସମୟ', "ଆମ ଗାଁ ନୂଆ ଚିତ୍ର', "ଶବ୍ଦ ପ୍ରତିମା' ଓ "ସ୍ୱପ୍ନରେ ଚିରକାଳ' ଆଦି କବିତା ସଂକଳନ ଓ "ଖସି ପଡ଼ିଥିବା ତାରା' ଉପନ୍ୟାସ, ଗଳ୍ପ ସଂକଳନ "ଏ ସମାଜକୁ ଘୁଣ ଖାଇବାରୁ ରକ୍ଷାକର' ଏବଂ 'ପ୍ରବନ୍ଧ ବର୍ଣ୍ଣାଳି' ପରି ଅନେକ ପୁସ୍ତକର ରଚୟିତା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଡ. ରାଧାରାଣୀ ମହାପାତ୍ର, ଅମର କୁମାର ପାଣିଗ୍ରାହୀ, ଗୀତାରାଣୀ ଆଇଚ, ବିଜୟ ବହଳୀ, ଝରଣା ପଟ୍ଟନାୟକ, ଡ. ସୁକାନ୍ତି ମହାପାତ୍ର, ଅଧ୍ୟାପିକା ଲିଲି ସାମଲ, ନୀଳିମା ପଣ୍ଡା, ରତିକାନ୍ତ ବେହେରା, ଭାନୁମତୀ ମାଟିଆ, ସୁଚିତ୍ରା ପାଣିଗ୍ରାହୀ, କାନନ ଆଚାର୍ଯ୍ୟ, ସ୍ନେହଲତା ରାଉତ, ନମ୍ରତା ବିଶ୍ୱାଳ ଆଦି ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ମତପ୍ରକାଶ ପାଇଛି।

## ମୁକୁନ୍ଦପୁର ଓ ଗୁଆମାଳ ପଞ୍ଚାୟତରୁ ଫେରିଯିବ ୮୦ ଲକ୍ଷର ଅନୁଦାନ ରାଶି

ଦୋଳସାହି,୨।୫(ସମିସ): ତିହିଡ଼ି ବ୍ଲକ୍ ଅଧୀନ ସମସ୍ତ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଅନୁଦାନ ଅର୍ଥ ଫେରିବା ନେଇ ଜନପ୍ରତିନିଧିଙ୍କ କାର୍ଯ୍ୟ କରିବା ଦକ୍ଷତା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁଯାୟୀ, ମୁକୁନ୍ଦପୁର ପଞ୍ଚାୟତରେ ୪୦ ଲକ୍ଷ ଟଙ୍କାର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଜଣାଯାଇଛି। ସେହିଭଳି ଏହି ବ୍ଲକ୍‌ର ଗୁଆମାଳ ପଞ୍ଚାୟତରେ ୪୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇପାରୁ ନ ଥିବା ଜଣାଯାଇଛି। ପଡ଼ି ରହିଥିବା ଅନୁଦାନ ଅର୍ଥର ଫାଇଲ୍ ଖୋଲାଯାଇ ନ ଥିବା ନେଇ କାର୍ଯ୍ୟ ହୋଇପାରୁ ନ ଥିବା ଜଣାପଡ଼ିଛି। ସାଧାରଣରେ ଜନପ୍ରତିନିଧିଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ବେଳେ ତୁରନ୍ତ ଫାଇଲ୍ ଖୋଲା ନ ହେଲେ ଅନୁଦାନ ଅର୍ଥ ଫେରସ୍ତ ଯିବ ଜଣାଯାଇଛି।

### ଭଦ୍ରକରେ ମାଟ୍ରିକ୍ ପରୀକ୍ଷା ପାସ୍ ହାର ୯୬.୦୧ ପ୍ରତିଶତ; ଆଗରେ ଛାତ୍ରୀ

# ସରିତା ନାୟକ ୫୭୩ ନମ୍ବର ରଖି ଜିଲ୍ଲା ଟପ୍ପର



ଭଦ୍ରକ,୨।୫(ସମିସ): ଶନିବାର ପ୍ରକାଶ ପାଇଥିବା ମାଟ୍ରିକ୍ ପରୀକ୍ଷା ଫଳାଫଳରେ ଭଦ୍ରକ ଜିଲ୍ଲାର ପାସ୍‌ହାର ୯୬.୦୧ ପ୍ରତିଶତ। ଗତ ବର୍ଷ ମାଟ୍ରିକ୍ ପାସ୍‌ହାର ଥିଲା ୯୫.୬୭ ପ୍ରତିଶତ। ଏଥର ଜିଲ୍ଲାର ମୋଟ୍ ୨୧ ହଜାର ୭୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିରୁ

- ପୂର୍ବ ବର୍ଷ ତୁଳନାରେ ଫଳାଫଳ ଭଲ
- 'ଏ-୧'ରେ ୧୦୯ ଜଣ ଛାତ୍ରଛାତ୍ରୀ
- ଜିଲ୍ଲାର ୬୧ ହାଇସ୍କୁଲର ପରୀକ୍ଷା ଫଳ ଶତ ପ୍ରତିଶତ

୨୦ ହଜାର ୪୯୯ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ହଜାର ୪୦୧ ଛାତ୍ରୀ ରହିଥିବା ବେଳେ ଛାତ୍ରଙ୍କ ସଂଖ୍ୟା ୧୦ ହଜାର ୯୮ ରହିଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧୀନସ୍ଥ ଜନ୍ତୁଆଳି ନୂଆଗାଁ ବିଏସ୍‌ସି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରିତା ନାୟକ ଚଳିତ ମାଟ୍ରିକ୍ ପରୀକ୍ଷାରେ ୫୭୩ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିଭଳି ଚଳିତ ବର୍ଷ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି 'ଏ-୧'ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ୧୦୯ ଜଣ। ୮୦ରୁ ଅଧିକ ମାର୍କ ରଖି 'ଏ-୨'ରେ ପାସ୍ କରିଛନ୍ତି ୬୬୭ ଜଣ। ସେହିଭଳି ୭୦ ପ୍ରତିଶତରୁ ଅଧିକ ମାର୍କ ରଖି 'ବି-୧'ରେ ପାସ୍ କରିଛନ୍ତି ୧୫୭୦, ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ବି-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ୩୦୭୬ ଜଣ। ୫୦ପ୍ରତିଶତରୁ ଅଧିକ ମାର୍କ ରଖି ସି' ଗ୍ରେଡ୍ ପାଇଛନ୍ତି ୪୭୬୩ ଜଣ। ୪୦ ପ୍ରତିଶତରୁ ଅଧିକ ମାର୍କ ରଖି ଡି' ଗ୍ରେଡ୍‌ରେ ୫୯୦୬ ଜଣ। ସେହିଭଳି ୩୩ ପ୍ରତିଶତରୁ ଅଧିକ ଓ ୪୦ ପ୍ରତିଶତରୁ କମ୍ ମାର୍କ ରଖି ଇ' ଗ୍ରେଡ୍‌ରେ ୪୪୦୮ ଜଣ ପାସ୍ କରିଛନ୍ତି। ଅନ୍ୟପକ୍ଷରେ ୧୯୭ ନମ୍ବରରୁ କମ୍ ମାର୍କ ରଖିଛନ୍ତି ୮୫୩ ଜଣ। ଏମାନେ ପୁନର୍ବାର ପରୀକ୍ଷା ଦେଇପାରିବେ।

ପ୍ରକାଶ ଥାଉକି, ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ଜିଲ୍ଲାରୁ ୨୧ ହଜାର ୭୨୪ ଜଣ ଫର୍ମ ପୂରଣ କରିଥିଲେ। ତେବେ ୩୭୨ ଜଣ ଜଣ ପରୀକ୍ଷା ଦେଇ ନ ଥିଲେ। ଅବଶିଷ୍ଟ ୨୧ ହଜାର ୩୫୨ ଜଣ ପରୀକ୍ଷା ଦେଇଥିଲେ। ତେବେ କପି କରି କେହି ଧରାପଡ଼ିଥିଲେ। ଗତ ବର୍ଷ ୨୦ହଜାର ୯୧୧ଜଣ ଫର୍ମ ପୂରଣ କରିଥିଲେ। ପରୀକ୍ଷା ଦେଇଥିଲେ ୨୦ହଜାର ୫୭୩ ଜଣ। ପାସ୍ କରିଥିଲେ ୧୯ହଜାର ୬୮୨ଜଣ। ୮୯୧ଜଣ ଫେଲ୍ ହୋଇଥିଲେ। ୩୩୮ ଜଣ ଅନୁପସ୍ଥିତ ଥିଲେ। ଗତଥର 'ଏ-୧'ରେ ୬୫ ଜଣ ପାସ୍ କରିଥିବାବେଳେ 'ଏ-୨'ରେ ୪୮୩, ବି-୧ରେ ୧୩୨୫, ବି-୨ରେ ୨୯୦୬, "ସି'ରେ ୫୭୦୮, "ଡି'ରେ ୬୨୪୬ ଜଣ ପାସ୍ କରିଥିଲେ। "ଇ'ରେ ୩୫୭୯ ଜଣ ପାସ୍ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଶୁଭେଚ୍ଛା ଜଣାଇଛନ୍ତି।

# ନ୍ୟାଯ୍ୟ ଦାବି ପାଇଁ ରାଜରାସ୍ତାରେ ଓୟୁଜେ ସାମ୍ବାଦିକ ସଂଗଠନ



ଭଦ୍ରକ,୨।୫(ସମିସ): ନ୍ୟାଯ୍ୟ ଦାବି ପାଇଁ ଶ୍ରମିକ ଦିବସକୁ କଳା ଦିବସ ଭାବେ ପାଳନ କଲେ ସାମ୍ବାଦିକ। ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ଦ୍ୱାରା ଅନୁବନ୍ଧିତ ଭଦ୍ରକ ଜିଲ୍ଲା ସାମ୍ବାଦିକ ୟୁନିଅନ ତରଫରୁ ପ୍ରତିବାଦ ଦିବସ ପାଳନ ହୋଇଛି। ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକ୍‌ର କାର୍ଯ୍ୟରତ ସାମ୍ବାଦିକଙ୍କ ସହ ରାଜ୍ୟରୁ ଅନେକ ସଦସ୍ୟ ପ୍ରତିବାଦ ଦିବସରେ ସାମିଲ ହୋଇଛନ୍ତି। ତେବେ ସାମ୍ବାଦିକଙ୍କୁ ସୁରକ୍ଷା ଆଇନ ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ ପାଇଁ ଦାବି ହୋଇଛି, ସାମ୍ବାଦିକଙ୍କ ପାଇଁ ପେନ୍‌ସନ୍ ଆଇନ ଓ ଆକ୍ରିଡେସନ ପାଇଁ ମଧ୍ୟ ଦାବି ରହିଛି। ପୂର୍ବରୁ ମଧ୍ୟ ଅନେକ ଥର ଦାବି ହୋଇଥିଲେ ମଧ୍ୟ ପୂର୍ବ ସରକାରରେ କିଛି ମାତ୍ରାରେ ଦାବି ପୂରଣ ହୋଇଥିଲେ ମଧ୍ୟ ପ୍ରମୁଖ ଦାବିଗୁଡ଼ିକ ପୂରଣ ହୋଇନାହିଁ। ଏବେର ସରକାରଙ୍କୁ ପୂର୍ବରୁ ମଧ୍ୟ ଦାବି ପୂରଣ ପାଇଁ ଅନେକ ଥର ଆଲୋଚନା ହୋଇଛି କିନ୍ତୁ କୌଣସି ସୁଫଳ ମିଳି ନ ଥିବାରୁ ପୁନଃ ପ୍ରତିବାଦ କରାଯାଇଛି। ଭଦ୍ରକ ଜିଲ୍ଲା ସଭାପତି ପ୍ରିୟଦର୍ଶନ ବୋଇତିଙ୍କ ଆହ୍ୱାନ କ୍ରମେ ସମ୍ପାଦକ ଜଗବନ୍ଧୁ ବେହେରାଙ୍କ ପ୍ରତ୍ୟକ୍ଷ ସହଯୋଗରେ ବରିଷ୍ଠ ସାମ୍ବାଦିକ ଅମର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ବରିଷ୍ଠ ସାମ୍ବାଦିକ ନାରାୟଣ ଚନ୍ଦ୍ର ବାରିକ, ଡ. ହରିହର ନାୟକ, ପୂର୍ବତନ ଧାମନଗର ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଶ୍ରମିକନେତା ଦିବ୍ୟସିଂହ ନାୟକ, ବିପ୍ଳବ ହୋତା, କଂଗ୍ରେସ ନେତା ରାଜୁ ଜେନା, ବରିଷ୍ଠ ସାମ୍ବାଦିକ ବୈକୁଣ୍ଠନାଥ ସାହୁ, କୃଷ୍ଣଚନ୍ଦ୍ର ଜେନା, ଦୀନବନ୍ଧୁ ଦାଶ, ସୁଧାକର ଦାଶ, ସରୋଜ ସେଠୀ, ହେମନ୍ତ ସିଂ, ଦିଗାମ୍ବର ଜେନା, ନିତ୍ୟାନନ୍ଦ ଜେନା, ପ୍ରଭାତ ରାଉଳ, ବିଭୁତି ଗ୍ରହାଚାର୍ଯ୍ୟ, ନାରଣ ପ୍ରସାଦ ବାରିକ, ହେମନ୍ତ ମହାପାତ୍ର, ଅଜୟ ପଣ୍ଡା, ନାରଣ ବାରିକ, ମହେଶ ପ୍ରସାଦ ମିଶ୍ର, ଶୁଭ୍ରାକାନ୍ତ ରାଉତରାୟ, ଜୟ ଜଗନ୍ନାଥ ମଲ୍ଲିକ, ଭାଗିରଥି ସେଠୀ, ଦେବାଶିଷ ପାଢ଼ୀ, କ୍ଷିତୀଶ ସାମନ୍ତ ବେହେରା, ଅଭିଶେଖ ପଟ୍ଟନାୟକଙ୍କ ସମେତ ଜିଲ୍ଲାର ସବୁ ବ୍ଲକ୍‌ର ଓୟୁଜେ ସଦସ୍ୟ, ସମସ୍ତ ବର୍ଗର ଲୋକଙ୍କ ସହ ଆଇନଜୀବୀ, ରାଜନୈତିକ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ସ୍ୱତଃପ୍ରବୃତ ଭାବେ ସାମିଲ ହୋଇଛନ୍ତି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପ୍ରାରମ୍ଭରେ କେନ୍ଦୁଝରର ବରିଷ୍ଠ ସାମ୍ବାଦିକ କ୍ଷେତ୍ରବାସୀ ମହାକୁଡ଼ଙ୍କ ବିୟୋଗରେ ଶୋକ ପ୍ରକଟ କରାଯାଇଥିଲା। ଏହି ଅବସରରେ ଓୟୁଜେ ଭଦ୍ରକ ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା।

### ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

# 'ଶ୍ରମିକମାନେ ରାଷ୍ଟ୍ର ଗଠନର ମୂଳ ଶକ୍ତି'

ଭଦ୍ରକ,୨।୫(ସମିସ)



**୨୫୨୪ ଶ୍ରମିକଙ୍କୁ ୬ କୋଟି ୩୬ ଲକ୍ଷ ୨୭ ହଜାର ଟଙ୍କା ସହାୟତା ରାଶି ବଣ୍ଟନ**

ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଚରମ୍ପାସ୍ଥିତ ମହାରାଜା ଅଗ୍ରସେନ ଭବନରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉତ୍ସାହର ସହ ପାଳିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଓ ଜିଲ୍ଲା ଶ୍ରମ କମିଶନର ସଚ୍ଚିଦାନନ୍ଦ ଜେନା ଯୋଗଦେଇଥିଲେ। ଏହି ଅବସରରେ ୨,୫୨୪ ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ୍ ୬ କୋଟି ୩୬ ଲକ୍ଷ ୨୭ ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା। ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ମହାପାତ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଶ୍ରମିକମାନେ ରାଷ୍ଟ୍ର ଗଠନର ମୂଳ ଶକ୍ତି। ସରକାର ତାଙ୍କ ସାମାଜିକ ସୁରକ୍ଷା, ଶିକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ବହୁ ଯୋଜନା ଆରମ୍ଭ କରିଛନ୍ତି। ଏହି ସୁବିଧାଗୁଡ଼ିକୁ ସମସ୍ତ ଯୋଗ୍ୟ ଶ୍ରମିକଙ୍କ ପାଖକୁ ପହଞ୍ଚାଇବାକୁ ସେ ଆହ୍ୱାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଥିଲେ ଯେ, ଶ୍ରମିକମାନଙ୍କ ସାମାଜିକ, ସ୍ୱାସ୍ଥ୍ୟ ଓ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବାରେ ପ୍ରଶାସନ ସଦା ସଚେତନ। ଜିଲ୍ଲାରେ ବିଭିନ୍ନ ଯୋଜନାର ସଠିକ୍ ରୂପାୟଣ ଦ୍ୱାରା ଶ୍ରମିକମାନଙ୍କ ଜୀବନମାନ ଉନ୍ନତ ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ। ସେ ଆହୁରି କହିଥିଲେ ଯେ, ୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏହା ସହ ଜିଲ୍ଲାର ରାନ୍ଦିଆ ବେଦାନ୍ତ କ୍ରୋମ୍ ପ୍ରକଳ୍ପରେ ମଧ୍ୟ ଶ୍ରମିକ ଦିବସ ପାଳିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ଶ୍ରମଜୀବୀ ମହିଳା ଓ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଦୀପ୍ତି ରଞ୍ଜନ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରେମମଞ୍ଜରୀ ନାୟକ ଉପସ୍ଥିତ ଥିବାବେଳେ ସହ ଶ୍ରମ ଅଧିକାରୀ ସଞ୍ଜିତ ଦେଓ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟାନ୍ୟ ଉପସ୍ଥିତିମାନଙ୍କ ମଧ୍ୟରେ ସହ ଶ୍ରମ ଅଧିକାରୀ ଭାରତ ଚନ୍ଦ୍ର ଦାସ, ଲୋକନାଥ ଦାସ, ପ୍ରତ୍ୟୁଷ କୁମାର ବେହେରା, ମନୋରଞ୍ଜନ ନାୟକ, ଚଞ୍ଚଳା ମେହେର, ସଂଯୋଜକ ସ୍ୱରୂପ କାନୁନ୍‌ଗୋ, ଡାଟା ଏଣ୍ଟ୍ରି ଅପରେଟର ସୁରେନ୍ଦ୍ର ବିକ୍ରମ ଜେନା, ରୋଜାଲିନ ବାରିକ, ୪ର୍ଥ ଶ୍ରେଣୀ କର୍ମଚାରୀ ସୁମନ୍ତ ସାହୁ ଓ ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହ ବିଭିନ୍ନ ଶ୍ରମିକ ସଂଘର କର୍ମକର୍ତ୍ତା, ପୁଲିସ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଅନେକ ଶ୍ରମିକ ଭାଇ ଓ ଭଉଣୀ ଯୋଗଦେଇଥିଲେ।

### ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳନ

# କର୍ପୋରେଟ୍ ସପକ୍ଷବାଦୀ ଶ୍ରମ କୋଡ୍ ପ୍ରତ୍ୟାହାର ଦାବି

ଭଦ୍ରକ,୨।୫(ସମିସ): ସିଆଇଟିୟୁ ପକ୍ଷରୁ ଭଦ୍ରକ ଜିଲ୍ଲାରେ ବିଶ୍ୱ ଶ୍ରମିକ ଦିବସ ପାଳନ ଅବସରରେ ଶ୍ରମିକ ବିରୋଧୀ କର୍ପୋରେଟ୍ ସପକ୍ଷବାଦୀ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିକରି ଶ୍ରମିକ ମଜଦୂର ୟୁନିଅନ ଲଢ଼େଇ କରିବାକୁ ଆହ୍ୱାନ ଦିଆଯାଇଛି। ବିଶ୍ୱ ଶ୍ରମିକ ଦିବସ ଅବସରରେ ୧୮୮୬ରେ ଶ୍ରମିକ ଶ୍ରେଣୀ ଲଢ଼େଇ କରି ଦୈନିକ ୮ ଘଣ୍ଟା କାମ କରିବେ, ୮ ଘଣ୍ଟା ବିଶ୍ରାମ, ୮ ଘଣ୍ଟା ପିଲା ପରିବାର ସହ ସମୟ ଅତିବାହିତ କରିବେ। ଆଜାଦୀର ୭୮ବର୍ଷ ପରେ ଡବଲ ଇଞ୍ଜିନ ସରକାର ୧୫ଟି ଶ୍ରମ ଆଇନକୁ ସଂଶୋଧନ କରି ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ଲାଗୁ କରିଛି। ଦେଶବ୍ୟାପୀ ରେଳ, ବ୍ୟାଙ୍କ, ବୀମା, ବନ୍ଦର, ରାଜପଥ, ଖଣି, ଖାଦାନ ଆଦି ସମସ୍ତ ରାଷ୍ଟ୍ରାୟତ ଉଦ୍ୟୋଗକୁ ଆଦାନୀ ଅମ୍ବାନୀକୁ ବିକ୍ରି କରି ଦେଉଛନ୍ତି। ତା'ର ପ୍ରତିବାଦ କରି ଶୁକ୍ରବାର ସକାଳୁ ସାରା ଜିଲ୍ଲାରେ ଧାମରା, ଚାନ୍ଦବାଲି, ବାସୁଦେବପୁର, ଅଗରପଡ଼ା, ଧାମନଗର, ଚରମ୍ପା, କଚେରୀବଜାର, ବନ୍ତ ଛକ, ଭଟଡିରା, ପୁରୁନବଜାରରେ ଲାଲ୍ ପତାକା ଉତ୍ତୋଳନ କରିଥିଲେ ସିଆଇଟିୟୁର ନେତ୍ରୀ ରୋଜାଲିନ ସାମ୍ୟବାଦୀ, ମମତା ଜେନା, ସୀତା ଦାଶ, ବାସନ୍ତୀ ବେହେରା,




ପ୍ରବାସ ମହାପାତ୍ର, ସୁବ୍ରତ ସାମଲ, ମଳୟ ଭୋଇ, କାର୍ତ୍ତିକ ଖିଲାର, ନିରଞ୍ଜନ ପାଣି, ମଦନମୋହନ ଘଡ଼ାଇ, ସେକ୍ ବାବୁ, ସେକ୍ ସତାର, ସେକ୍ କମାର, ଅଭିନ୍ନ ଚନ୍ଦ୍ର ରାଓ, କାଳନ୍ଦୀ ପାତ୍ର, ବିଷ୍ଣୁ ଦାଶ, ପ୍ରଫୁଲ୍ଲ ପାଢ଼ୀ, ଚନ୍ଦ୍ରଶେଖର ନାୟକ। ଅପରାହ୍ଣ ସାଢ଼େ ୪ଟାରେ ଏକ ମିଳିତ ପଟୁଆର ନବକିଶୋର ବେହେରା, ପ୍ରହ୍ଲାଦ ପତି, ସୁରଜିତା ନାୟକ, ଶାନ୍ତିଲତା ନାୟକ, ଶେକ୍ ସତରୁଦ୍ଦିନ, ଅଦ୍ଦଲ, ବିଷ୍ଣୁ ଦାଶଙ୍କ ନେତୃତ୍ୱରେ ସହର ପରିକ୍ରମା କରିବା ପରେ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଏକ ସାଧାରଣ ସଭା ଶ୍ରମିକ ନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକମାନେ ପ୍ରତିବାଦ କରିବାବେଳେ ଦେଶର ସମ୍ବିଧାନ, ଗଣତନ୍ତ୍ର ଉପରେ ସରକାର ଆକ୍ରମଣ କରୁଛନ୍ତି। ବିଶ୍ୱରେ ସାମ୍ରାଜ୍ୟବାଦୀ ଆମେରିକା ନିକଟରେ ମୋଦୀ ସରକାର ମୁଣ୍ଡ ନୁଆଁଉଛନ୍ତି। ଏହା ବିରୋଧରେ ଲଢ଼େଇ ଜୋରଦାର କରାଇବାକୁ ଆହ୍ୱାନ ଦେଇଥିଲେ ସିଟୁ ନେତା ଦିବ୍ୟସିଂହ ନାୟକ।

